## ଦୋକାନରେ ମିଳିବ ମାଣ୍ଡିଆ ଜଳଖିଆ

ଚନ୍ଦ୍ରପୁର,(ଡି.ଏନ୍.ଏ.)- ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ଡାଙ୍ଗସୋରଡ଼ାରେ ମଙ୍ଗଳବାର ସନ୍ତୋଷୀ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ମାଣ୍ଡିଆରେ ପ୍ରସ୍ତୁତ ଏକ ଜଳଖିଆ ଦୋକାନର ଉଦ୍‌ଘାଟନ ସରପଞ୍ଚ ଧାନୁମାଝି କୁମୁରୁକା କରିଛନ୍ତି। ଏଥିରେ ମାଣ୍ଡିଆରୁ ପ୍ରସ୍ତୁତ ଚକୁଳି, ବରା, ଜାଉ, ପକୋଡି ଆଦି ବିଭିନ୍ନ ପ୍ରକାରର ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତ କରାଯାଇ ସୁଲଭ ମୂଲ୍ୟରେ ବିକ୍ରି କରାଯାଉଛି ବୋଲି ଏସ୍ଏଚ୍‌ଜି ମହିଳାମାନେ କହିଛନ୍ତି। ପ୍ରଭାତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ମିଲେଟ ମିଶନ ପକ୍ଷରୁ ୩୦ହଜାର ଟଙ୍କା ଯୋଗାଇ ଦିଆଯାଇଛି ବୋଲି ଏନ୍‌ଜିଓ ସିଇଓ ପ୍ରକାଶ ଦାଶ କହିଛନ୍ତି। କୃଷି ଅଧିଦର୍ଶକ ରଜନୀ ମିଶ୍ର, ପୂର୍ବତନ ଜିଲା ପରିଷଦ ସଭ୍ୟ ରାମଚନ୍ଦ୍ର ବେଡ୍ରେକା, ଖବରଦାତା ବିଜୟ ପ୍ରସାଦ ଉଲ୍ଲାକା, ଡାକ୍ତର ନଳିନିକାନ୍ତ ମିଶ୍ର, ସିଇଓ ପ୍ରକାଶ ଦାଶ, ଅଜୟ ବେଡ୍ରେକା, ଟୁନା ପାଲକା, ଉର୍ମିଳା ଲିଙ୍ଗସ୍ ଉପସ୍ଥିତ ଥିଲେ।

# ଦାବିପୂରଣ ନ ହେଲେ ୨୫ରୁ ଆନ୍ଦୋଳନ

ନବରଙ୍ଗପୁର/ଉମରକୋଟ, ୨୩।୧୧(ବି.ପ୍ର./ସ୍ୱ.ପ୍ର.)

ଓଡିଶା ସମବାୟ ସମିତି ମହାସଂଘର ନବରଙ୍ଗପୁର ଶାଖା ତରଫରୁ ପାଞ୍ଚ ଦଫା ଦାବି ନେଇ ନବରଙ୍ଗପୁର ଜିଲ୍ଲାପାଳ କମଳ ଲୋଚନ ମିଶ୍ର ଙ୍କ ଜରିଆରେ ମାନ୍ୟବର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ସମବାୟ ମନ୍ତ୍ରୀ ସହ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ନବରଙ୍ଗପୁର ଜିଲାରେ ୧୦ ବ୍ଲକର ୧୩ଟି ସମବାୟ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ୨୧୦ କର୍ମଚାରୀ ଦୀର୍ଘ ଦିନ ହେବ କାର୍ଯ୍ୟ କରି ଆସୁଥିବା ବେଳେ ସେମାନଙ୍କୁ ଏଯାଏ ସ୍ଥାୟୀ ନିଯୁକ୍ତି ପାଇଁ ମିଳିନି। ଓଡିଶାର ସମସ୍ତ ୨୭୦୮ ପ୍ରାଥମିକ ସମବାୟ ସମିତି ଓ ଲ୍ୟାମ୍ପ୍‌ସ କର୍ମଚାରୀଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ, ସମସ୍ତ ବର୍ଗର କର୍ମଚାରୀଙ୍କୁ ସପ୍ତମ ବେତନ ଅନୁଯାୟୀ ଦରମା, ରାଜ୍ୟ ସରକାରଙ୍କ ଦ୍ୱାରା ବର୍ଦ୍ଧିତ ମହାଙ୍ଗା ଭତ୍ତା ଲାଗୁ, କରୋନା ସମୟରେ ପ୍ରାଣ ହରାଇଥିବା କର୍ମଚାରୀଙ୍କୁ ୫୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଦାବି ହୋଇଛି। ସେହିଭଳି ସମବାୟ ନିବନ୍ଧକ ସନ୍ତୋଷ କୁମାର ଦାସଙ୍କୁ ଉମରକୋଟ ସମବାୟ ସମିତି ପକ୍ଷରୁ ଦାବିପତ୍ର ଦିଆଯାଇଛି। ଡିସେମ୍ବର ୧୦ରେ ଧାନ ମଣ୍ଡି ଆରମ୍ଭ ହେଉଥିବା ବେଳେ ଲ୍ୟାମ୍ପ୍‌ସ କର୍ମଚାରୀଙ୍କ ଆନ୍ଦୋଳନ ମଣ୍ଡିର କାର୍ଯକାରୀକୁ ନେଇ ପ୍ରଶ୍ନ ଉଠିଛି। ଉମରକୋଟ ଲ୍ୟାମ୍ପ୍‌ସ କର୍ମଚାରୀମାନେ ଦୀର୍ଘ ୧୦ ଦିନ ହେଲାଣି କାର୍ଯ ବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ତେବେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଉମରକୋଟ କର୍ମଚାରୀ ଜିଲା ପ୍ରଶାସନ ଓ ସରକାରଙ୍କୁ ଅବଗତ କରାଇଛନ୍ତି। ସୂଚନାନୁଯାୟୀ, ନଭେମ୍ବର ୧୪ରୁ ଓଡିଶାର ସମସ୍ତ ସମବାୟ ସମିତି ଓ ଲ୍ୟାମ୍ପ୍‌ସରେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯାଉଛି। ୨୪ ସୁଦ୍ଧା ଦାବିପୂରଣ ନ ହେଲେ ତାହେଲେ ୨୫ ତାରିଖରୁ ଏ.ଆର୍.ସି.ଏସ. କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ନବରଙ୍ଗପୁର ଶାଖା ସଭାପତି ଓ ସମ୍ପାଦକ ଚେତାବନୀ ଦେଇଛନ୍ତି।


ଜିଲାପାଳଙ୍କୁ ଦାବି ଜଣାଇବାକୁ ଆସିଥିବା ଓଡ଼ିଶା ସମବାୟ ସମିତି କର୍ମଚାରୀ।

## ସଂକ୍ଷେପରେ

### ଛାତ୍ରଙ୍କ ଆତ୍ମହତ୍ୟା

ବିଷମକଟକ, ୨୩।୧୧(ଡି.ଏନ୍.ଏ.)-ରାୟଗଡା ଜିଲା ବିଷମକଟକ ଥାନା ଅଞ୍ଚଳରେ ଜଣେ ଛାତ୍ର ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ତାରାକାନ୍ତ ଦାସଙ୍କ ବଡ଼ ପୁଅ ଜଗନ୍ନାଥ। ତାରାକାନ୍ତ ଗଜ ବାହାଲ ସହକାରୀ ଶିକ୍ଷ ତାଲିମ ଅନୁଷ୍ଠାନ କେନ୍ଦ୍ରରେ ଅଧାପକ ଭାବେ କାର୍ଯ୍ୟ କରନ୍ତି। ଜଗନ୍ନାଥ ବାପାଙ୍କ ସହ କଲେଜ ହଷ୍ଟଲରେ ରୁହନ୍ତି। ସେ ବିଷମ କଟକ ସରକାରୀ ହାଇସ୍କୁଲ ଛାତ୍ର। ଜଗନ୍ନାଥ ମଙ୍ଗଳବାର ସ୍କୁଲରୁ ଫେରି ଫ୍ୟାନରେ ଗାମୁଛା ଦେଇ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟା କରିଥିବା ଅସ୍ପଷ୍ଟ ରହିଛି। ବିଷମକଟକ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏହାର ତଦନ୍ତ କରୁଛି।

### ସତ୍ୟ ସାଇ ଜୟନ୍ତୀ ପାଳିତ

ଗୁଣପୁର, ୨୩।୧୧(ଡି.ଏନ୍.ଏ.)- ରାୟଗଡା ଜିଲା ଗୁଣୁପୁର ସତ୍ୟ ସାଇ ସେବା ସଂସ୍ଥାନ ପକ୍ଷରୁ ମଙ୍ଗଳବାର ସତ୍ୟ ସାଇବାବାଙ୍କ ୯୬ ତମ ଜନ୍ମ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ସହରରେ ସାଇଙ୍କ ରଥ ପରିକ୍ରମା ସହ ନାମ ସଂକୀର୍ତ୍ତନ କରାଯାଇଛି। ପଗଡ଼ବିଲି ଗ୍ରାମରେ ଗୋ ସେବା ଓ ମହିଳାଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସତ୍ୟ ସାଇ ସେବା ଟ୍ରଷ୍ଟ କର୍ମକର୍ତ୍ତା କେ. ଧର୍ମା ରାଜୁ, ଏଲ୍. ସୁରେଶ, ପି. ରାମ ପ୍ରସାଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥି ଲାଗି ଗତ ୯ ତାରିଖରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।

### ସଚେତନ କଲା କୃଷି ରଥ

ତେନ୍ତୁଳିଖୁଣ୍ଟି, ୨୩।୧୧(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକର ବିଭିନ୍ନ ପଞ୍ଚାୟତରେ କୃଷି ରଥ ପରିକ୍ରମା କରି ଲୋକନୃତ୍ୟ ମାଧମରେ କୃଷକ ସଶକ୍ତିକରଣ ବିଭାଗର ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରିଛି। ମୃତ୍ତିକା ପରୀକ୍ଷଣ, ମୃତ୍ତିକା ସ୍ୱାସ୍ଥ୍ୟକାର୍ଡର ଆବଶ୍ୟକତା ଉପକାରିତା ସମ୍ବନ୍ଧରେ ଲୋକନୃତ୍ୟ ମାଧମରେ ସଚେତନ କରାଯାଇଛି। ବିହନ ବିଶୋଧନର ଉପକାରିତା, କୃଷି ଭିତ୍ତିକ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ମିଳୁଥିବା ସରକାରୀ ସୁବିଧା ସମ୍ପର୍କରେ ସଚେତନ କରାଯାଇଛି। ଭୁବନେଶ୍ୱରର ସବେରା ପାର୍ଟିର ଶଙ୍କର ଓ ମମତା ଅଭିନୟ କରି ସଚେତନ କରାଇଥିଲେ। ସରପଞ୍ଚ ବିଜୟ ଝୋଡ଼ିଆ, ହର ଯାନୀ ଉପସ୍ଥିତ ଥିଲେ। ଏଟିଏମ ବାଳ ଗୋବିନ୍ଦ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଭତ୍ତା ଦାବିରେ ପ୍ରଶାସନର ଦ୍ୱାରସ୍ଥ ହେଲେ ହିତାଧିକାରୀ



ଜୟପୁର, ୨୩।୧୧ (ନି.ପ୍ର.)-ଯୋଗ୍ୟ ହିତାଧିକାରୀ ଏଯାଏ ଭତ୍ତା ନ ପାଇ ମଙ୍ଗଳବାର ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବିଧବା ଓ ବାର୍ଦ୍ଧକ୍ୟ ହୋଇଥିବା ସତ୍ତ୍ୱେ ସେମାନଙ୍କୁ ଭତ୍ତା ମିଳିନାହିଁ। ଏଥିପାଇଁ ସେମାନେ ୨ ବର୍ଷ ହେଲା ଆବେଦନ କରି କିଛି ସୁଫଳ ପାଇନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। ପ୍ରଶାସନ ହସ୍ତକ୍ଷେପ କରି ସେମାନଙ୍କୁ ତୁରନ୍ତ ଭତ୍ତା ଦେବାକୁ ସେମାନେ ଦାବି କରିଛନ୍ତି।

### ଶହୀଦ ଲକ୍ଷ୍ମଣ ନାୟକ ଜୟନ୍ତୀ

କୋରାପୁଟ, ୨୩।୧୧(ସ୍ୱ.ପ୍ର.)-କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ କୋରାପୁଟ ମାଟିର ବୀରପୁତ୍ର ଶହୀଦ ଲକ୍ଷ୍ମଣ ନାୟକ ଜୟନ୍ତୀ ସ୍ଥାନୀୟ ବସ୍‌ଷ୍ଟାଣ୍ଡଠାରେ ପାଳିତ ହୋଇଯାଇଛି। ଜିଲାପାଳ ଅବଦାଲ ଏମ୍ ଅଖତାର ମୁଖ୍ୟ ଅତିଥିଭାବେ ଯୋଗଦେଇ ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଙ୍କ ସ୍ମୃତିଚାରଣ କରିଥିଲେ। ବିଧାୟକ ତଥା ଜିଲା ଯୋଜନା କମିଟି ଅଧକ୍ଷ ରଘୁରାମ ପଡାଲ, ପୂର୍ବତନ ବିଧାୟକ ନିମାଇଁ ସରକାର, କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ



ବାହିନୀପତି, ରୂପକ ତୁରୁକ, ରମେଶ ଖରା, ଆମ୍ବେଦକର ସ୍ମୃତି କମିଟ ସଭାପତି ଗଙ୍ଗା ସାଗର, ସମ୍ପାଦକ ବୈକୁଣ୍ଠ ମଣ୍ଡଳ, ସାମାଜିକ କର୍ମୀ ଶିବ ମୁଦୁଲି, ହରି ଇଞ୍ଜେଲ, ମନୋଜ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ଶହୀଦଙ୍କ ସଂଗ୍ରାମୀ ଜୀବନ ଉପରେ ଆଲୋକପାତ କରିଥିଲେ।

## ନାଗରିକ କମିଟି କାର୍ଯ୍ୟକାରିଣୀ ବୈଠକ
## ଆକାଶବାଣୀର ପରିଚାଳନା ଅନ୍ୟତ୍ର ହସ୍ତାନ୍ତରକୁ ବିରୋଧ



ଜୟପୁର, ୨୩।୧୧(ନି.ପ୍ର.)

ଜୟପୁର ନାଗରିକ କମିଟିର କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ମୀନକେତନ ଦାସ ସଭାପତିତ୍ୱ କରିଥିଲେ। ଜୟପୁର ଆକାଶବାଣୀର ପରିଚାଳନା ଭାର ଭବାନୀପାଟଣାକୁ ହସ୍ତାନ୍ତର କରିବା ଲାଗି କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ବୈଠକରେ ବିରୋଧ କରାଯାଇଥିଲା। ଜୟପୁର ଆକାଶବାଣୀର ସ୍ୱତନ୍ତ୍ରତା ବଜାୟ ରଖିବା ନେଇ ସରକାରଙ୍କୁ ଅନୁରୋଧ କରାଯିବା,ଡିସେମ୍ବର ୨୬ରେ କମିଟିର ପାରିବାରିକ ବନ୍ଧୁମିଳନ ହେବା ପାଇଁ ନିଷ୍ପତ୍ତି ହୋଇଥିଲା। ଇତିମଧ୍ୟରେ ଜୟପୁର ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ନିଯୁକ୍ତି ପାଇଛନ୍ତି। ତାଙ୍କ ସହ ସହରର ସମସ୍ୟା ସମ୍ପର୍କରେ ଆଲୋଚନା ନିମନ୍ତେ ଏକ କମିଟି ଗଠନ ହୋଇଥିଲା। ବୈଠକକୁ ସୁରେଶ ଦାସ ପରିଚାଳନା କରିଥିଲେ। ନିର୍ମଳ ଚନ୍ଦ୍ର ମଲ୍ଲିକ, କେଦାର ବେହେରା, ସୁବାସ ପଣ୍ଡା, ମଦନ ମୋହନ ନାୟକ, ଜଗନ୍ନାଥ ମିଶ୍ର, ଯାଦବ ସୁବୁଦ୍ଧି, ରତ୍ନାକର ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଫସଲ ନଷ୍ଟ କରିଦେଲା ଅଦିନିଆ ବର୍ଷା

ଗୁଣପୁର, ୨୩।୧୧(ଡି.ଏନ୍.ଏ)

ଅଦିନିଆ ବର୍ଷା ଯୋଗୁ ବ୍ୟାପକ ପରିମାଣରେ କପା ଫସଲ ନଷ୍ଟ ହୋଇଥିବା ଅଭିଯୋଗ କରିଛନ୍ତି ଚାଷୀ। ପ୍ରଥମ ଅମଳ ସମୟରେ ବର୍ଷା ଯୋଗୁ କପାର ଗୁଣବତ୍ତା ହ୍ରାସ ପାଇବା ସହ ଫସଲ କଳା ପଡିଯାଇଛି। ଫଳରେ ବେପାରୀ ଏଭଳି କପା ନେଉ ନ ଥିବାରୁ ଏବେ ଧାର କରଜ କରି ଚାଷ କରିଥିବା ଚାଷୀ କିପରି ଋଣ ସୁଝିବେ ଚିନ୍ତାରେ ଥିବା କହିଛନ୍ତି। ଏ ନେଇ ମଙ୍ଗଳବାର ଗୁଣୁପୁର ବ୍ଲକ ଲିମାମେଡା ଗ୍ରାମର କପା ଚାଷୀମାନେ କୃଷି ଅଧିକାରୀଙ୍କୁ ସାକ୍ଷାତ କରି ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି। ଗ୍ରାମର ଗଙ୍ଗାଧର ଶବର, ଚୈତନ୍ୟ ଶବର, ରାମ ଶବର, ସାରଙ୍ଗ ଶବର, ଦାମଦର ଶବର, ସେବତୀ ଶବର ପ୍ରମୁଖ କପା ଚାଷୀଙ୍କ ବ୍ୟାପକ ଫସଲ ନଷ୍ଟ ହୋଇଥିବା ଅଭିଯୋଗ କରିଛନ୍ତି। କୃଷି ବିଭାଗ ପକ୍ଷରୁ ଅନୁଧ୍ୟାନ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବା ସହ, ଚାଷୀଙ୍କୁ ଫସଲ ବୀମା କରିବାକୁ କୃଷି ଅଧିକାରୀ ପରାମର୍ଶ ଦେଇଥିଲେ।


ଦାବି ଜଣାଇବାକୁ ଆସିଥିବା ଚାଷୀ।

# ଚାଷୀଙ୍କୁ ବିହନ ଦେଲା ଆଇଟିଡିଏ


ଚାଷୀମାନଙ୍କୁ ବିଭାଗ ପକ୍ଷରୁ ବିହନ ବଣ୍ଟନ କରାଯାଉଛି।

ନବରଙ୍ଗପୁର, ୨୩।୧୧(ବି.ପ୍ର.)

ନବରଙ୍ଗପୁର ଆଇଟିଡିଏ ପକ୍ଷରୁ ଡାବୁଗାଁ ବ୍ଲକ ନନ୍ଦପୁରା ଗାଁରେ ୫୦ ଜଣ ଆଦିବାସୀ ଚାଷୀଙ୍କୁ ୫୦ ଏକର ଜମିରେ ଆଳୁ ଚାଷ ପାଇଁ ଉନ୍ନତ ମାନର ଆଳୁ ବିହନ ଯୋଗାଇ ଦିଆଯାଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ସେମାନଙ୍କୁ ଜୈବିକ ଖତ ଏବଂ କୀଟନାଶକ ଯୋଗେଇ ଦେବାପାଇଁ ମଧ ବ୍ୟବସ୍ଥା ରହିଛି। ମିଶନ ଜୀବିକା ମାଧ୍ୟମରେ ଆଇଟିଡିଏ ନବରଙ୍ଗପୁର ପ୍ରତି ୫୦ ଏକରକୁ ଗୋଟିଏ କୃଷି ଭିତ୍ତିକ କ୍ଲଷ୍ଟର ହିସାବରେ ନେଇ ଚାଷ ସମ୍ବନ୍ଧୀୟ ଆବଶ୍ୟକୀୟ ସାମଗ୍ରୀ ପ୍ରଦାନ କରୁଛି। ଏଥିସହ ଜିଲାର ଆଦିବାସୀ ଚାଷୀଙ୍କୁ ଅଧିକ ଉତ୍ପାଦନ ନିମନ୍ତେ ବୈଷୟିକ ସହାୟତା ମଧ ଯୋଗାଇ ଦେଉଛି ଆଇଟିଡିଏ। ଉକ୍ତ କାର୍ଯ୍ୟକ୍ରମରେ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଅଭିମନ୍ୟୁ ମାଝି, ପ୍ରକଳ୍ପ ପରିଚାଳକ ଗୋବିନ୍ଦ କୁମାର, କ୍ଷେତ୍ର ବିଶେଷଜ୍ଞ ନୀଳାମ୍ବର ନାହାକଙ୍କ ସହିତ ସ୍ଥାନୀୟ ଜନ ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ।

# ଚାଷୀ ମୃତ୍ୟୁର ସତ ଖୋଜିବ କଂଗ୍ରେସ

ନବରଙ୍ଗପୁର, ୨୩।୧୧(ବି.ପ୍ର.)

ନବରଙ୍ଗପୁର ଜିଲା ରାଇଘର ବ୍ଲକ ଛତାବେଡ଼ା (ଡିଏନ୍ କେ)ଚାଷୀ ବିଭୁତି ସରକାର(୪୫)ଙ୍କ ଆତ୍ମହତ୍ୟାକୁ ନେଇ କଂଗ୍ରେସ ଗୁରୁତର ସହ ନେଇଛି। ବୁଧବାର ଜିଲା କଂଗ୍ରେସର ଏକ ଟିମ୍ ସଭାପତି ମୁନା ତ୍ରିପାଠୀଙ୍କ ନେତୃତ୍ୱରେ ମୃତ ଚାଷୀଙ୍କ ପରିବାରକୁ ଭେଟି ଚାଷୀ ଆତ୍ମହତାର କାରଣ ସମ୍ପର୍କରେ ତଦନ୍ତ କରିବବ। ଏହାର ରିପୋର୍ଟ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ଦିଆଯିବ। କଂଗ୍ରେସ ନେତା ନରସିଂହ ମିଶ୍ର ଓ ମୁଖ୍ୟ ସଚେତକ ତାରା ପ୍ରସାଦ ବାହିନୀପତି ବିଧାନ ସଭାରେ ଏହି ପ୍ରସଙ୍ଗ ଉଠାଇବେ ବୋଲି ଜଣାପଡିଛି। ଏହି ଟିମ୍‌ରେ ଅଧିବକ୍ତା ତଥା ପିସିସି ସମ୍ପାଦକ କ୍ଷେମରାଜ୍ ବାଘ ଡିସିସି ଉପସଭାପତି ତଥା ଅଧିବକ୍ତା ଦିଲ୍ଲୀପ ବେହେରା, ଆଇନଜୀବୀ ଶଙ୍କର ଦେଓ, ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ଦ୍ୱାରିଆ ମହାପାତ୍ର, ଯୁବ ନେତା ତାଜ୍ ଇମ୍ରାନ୍ ସରିଫ୍, କାର୍ଯ୍ୟାଳୟ ସମ୍ପାଦକ ତଥା ଓକିଲ ପ୍ରଦୀପ ସାହୁ, ଦକ୍ଷିଣ ଓଡ଼ିଶା ସଂଖ୍ୟା ଲଘୁ ସେଲ୍ ପ୍ରଭାରୀ ଅବଦୁଲ ଫିରୋଜ,ସାଇ ନାରାୟଣ ପାଢ଼ୀ, ବାପି ସାନ୍ତ୍ରା, ଅମୂଲ୍ୟ ପଟ୍ଟନାୟକ,ସୁରେନ୍ଦ୍ର ନାୟକ ପ୍ରମୁଖ ଅଛନ୍ତି। ସୂଚନାଯୋଗ୍ୟ ଯେ ବିଭୂତି ଧାରକରଜ ସହ କୃଷି ଋଣ କରି ପ୍ରାୟ ଏକରେ ଜମିରେ ଫୁଲ କୋବି ଚାଷ କରିଥିଲେ। ହେଲେ ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବାରୁ କୌଣସି ଉପାୟ ନ ପାଇ ଏକ ପ୍ରକାର ମାନସିକ ଭାରସାମ୍ୟ ହରାଇ ସେ ଆତ୍ମହତ୍ୟା କରିଥିବା ଜଣାପଡିଛି।

# ସତ୍ୟସାଇବାବାଙ୍କ ଜୟନ୍ତୀ

ଚିତ୍ରକୋଣ୍ଡା, ୨୩।୧୧(ଡି.ଏନ.ଏ.)– ଚିତ୍ରକୋଣ୍ଡା ସତ୍ୟସାଇ ବାବାଙ୍କ ମନ୍ଦିରରେ ସତ୍ୟସାଇଙ୍କ ଜୟନ୍ତୀ ଉତ୍ସବ ମଙ୍ଗଳବାର ପାଳିତ ହୋଇଛି। ଓଁକାର ସୁପ୍ରଭାତ, ପ୍ରାର୍ଥନା, ନଗର କୀର୍ତ୍ତନ, ପଦଯାତ୍ରା ସହ ଏକ ସୁଜ୍ଜିତ ରଥ ନଗର ପରିକ୍ରମା କରାଯାଇଥିଲା। ମହିଳା ମଣ୍ଡଳଙ୍କ ଦ୍ୱାରା ଅଷ୍ଟୋତ୍ତର ପୂଜା କରାଯାଇଥିଲା। ଚରଞ୍ଜୀବୀ ଲୁ ସତ୍ୟସାଇ ବାବାଙ୍କ ଜୀବନାଦର୍ଶ, ଆଧାତ୍ମିକତା ଉପରେ ଆଲୋଚନା କରିଥିଲେ। ଶ୍ରୀରାମୁଲୁ, ପ୍ରକାଶ ରାଓ, ଶ୍ରୀନିବାସ ନାୟକ, ଗୋବିନ୍ଦ ନାୟକ, ଗୀତା ପଟ୍ଟନାୟକ ଉପସ୍ଥିତ ଥିଲେ।

## ଅବକାରୀ ଚଢ଼ାଉ, ଜଣେ ଗିରଫ

ଜୟପୁର, ୨୩।୧୧ (ନି.ପ୍ର.)

ସଦର ଥାନା ଅନ୍ତର୍ଗତ ନିଳାଗଡାରୁ ଦେଶୀ ମଦ ଧରି ବାଇକ୍‌ରେ ସହରକୁ ଆସୁଥିବା ବେଳେ ଅବକାରୀ ବିଭାଗ ଜୟନଗର ଛକଠାରେ ଚଢାଉ କରି ଧରିଛି। ଏଥିରେ ସମ୍ପୃକ୍ତ ଜଣକୁ ଗିରଫ କରାଯାଇଛି। ସେ ହେଲେ ଗୋବିନ୍ଦ ନାୟକ। ତାଙ୍କଠାରୁ ୧୨ ଲିଟର ମଦ ଜବତ ହୋଇଛି।

# ଗୁରୁପ୍ରିୟା ଫାର୍ମର୍ସ ପ୍ରଡ୍ୟୁସର କମ୍ପାନୀର ସାଧାରଣ ଅଧିବେଶନ

ଚିତ୍ରକୋଣ୍ଡା, ୨୩।୧୧(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଶିଶୁ ଓ ମହିଳା କଲ୍ୟାଣ ସମିତି ଦ୍ୱାରା ପରିଚାଳିତ ଓଡିଶା ମିଲେଟ ମିଶନ କାର୍ଯ୍ୟକ୍ରମରେ ସାମିଲ ଥିବା ଚାଷୀଙ୍କୁ ନେଇ ଗଠିତ ଗୁରୁପ୍ରିୟା ଫାର୍ମର୍ସ ପ୍ରଡ୍ୟୁସର କମ୍ପାନୀର ବାର୍ଷିକ ସାଧାରଣ ଅଧିବେଶନ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସମିତି ସଭାଗୃହଠାରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଇଓ ପରମେଶ୍ୱର ଜେନା, ସମ୍ମାନିତ ଅତିଥି ରୂପେ ଡିପିସି ଜୟନ୍ତ ଜେନ୍, ମାଲକାନଗିରି ଜିଲା ଓଡ଼ିଶା ମିଲେଟ ମିଶନ କାର୍ଯ୍ୟକ୍ରମର ପ୍ରୋଗ୍ରାମ କୋର୍ଡିନେଟର ଶୈଳଜା ପ୍ରସାଦ ନାୟକ, ଚିତ୍ରକୋଣ୍ଡା ବ୍ଲକ ମିଶନ ଶକ୍ତି ପ୍ରୋଗ୍ରାମ କୋର୍ଡ଼ିନେଟର ରବୀନ୍ଦ୍ର ଭୂୟାଁ ଓ ଶିଶୁ ଓ ମହିଳା କଲ୍ୟାଣ ସମିତିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। କମ୍ପାନୀର ଆୟବ୍ୟୟ ସମ୍ପର୍କିତ ବିବରଣୀ ସିଇଓ ଲବକୁଶ ଖେମୁଡୁ ଉପସ୍ଥାପନ କରିଥିଲେ। ଅଧିବେଶନରେ ଚଳିତ ବର୍ଷ କମ୍ପାନୀର ହୋଇଥିବା ଲାଭ ସମ୍ପର୍କରେ ମଧ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ଅଧିକ ସଂଖ୍ୟାରେ ଚାଷୀଙ୍କୁ ଏଥିରେ ସାମିଲ କରିବାକୁ ନିଷ୍ପତ୍ତି ହୋଇଥିଲା। ଚଳିତ ବର୍ଷ ଚିତ୍ରକୋଣ୍ଡା ଅଞ୍ଚଳରୁ ମଣ୍ଡିରେ ମାଣ୍ଡିଆ ବିକ୍ରି କରିଥିବା ଚାଷୀମାନେ ୧୮ ଲକ୍ଷ ଟଙ୍କା ଲାଭ ପାଇଛନ୍ତି। ଚଳିତବର୍ଷ ଆଗାମୀ ମଣ୍ଡିରେ ଅଧିକ ପରିମାଣରେ ମାଣ୍ଡିଆ ଚାଷୀଙ୍କୁ ସାମିଲ କରିବାକୁ ଲକ୍ଷ୍ୟ ରଖାଯାଇଥିବା ବିଇଓ ଜେନା ଚାଷୀଙ୍କୁ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମ କୁ ଇଣ୍ଟିଗ୍ରେଟେଡ୍ ଫାର୍ମିଂର ପ୍ରୋଗ୍ରାମ କୋର୍ଡିନେଟର ରାକେଶ ମହାରଣା, ଚିତ୍ରକୋଣ୍ଡା ମିଲେଟ ମିଶନର କୋର୍ଡ଼ିନେଟର ତପନ ରଥ, ଏବିପିସି ଦୀପକ ପାଙ୍ଗି, ସୁରେଶ ମାଝି, ଜଗନ୍ନାଥ ରେଡ୍ଡି, ଲବକୁଶ ଖେମୁଡୁ, ତ୍ରିନାଥ ଖେମୁଡୁ ପ୍ରମୁଖ ପରିଚାଳନା କରିଥିଲେ।


ଅଧିବେଶନରେ ଉପସ୍ଥିତ ଅତିଥି ଓ ଚାଷୀ।

# କେନ୍ଦ୍ର ସୂଚନା, ପ୍ରସାରଣ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

ଜୟପୁର, ୨୩।୧୧ (ନି.ପ୍ର.)

କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁରଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ସ୍ୱେଚ୍ଛାସେବୀ ଅନୁଷ୍ଠାନ ସାହାଯ୍ୟ ପକ୍ଷରୁ ଜୟପୁର ଆକାଶବାଣୀ କେନ୍ଦ୍ରର କାର୍ଯ୍ୟକ୍ରମ ନିଷ୍ପାଦକ ନରେନ୍ଦ୍ର ପଟ୍ଟନାୟକଙ୍କୁ ପ୍ରଦାନ କରାଯାଇଛି। ଏହି ସମୟରେ କର୍ମକର୍ତ୍ତାମାନେ କେନ୍ଦ୍ରର ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ପଟ୍ଟନାୟକଙ୍କ ସହ ଆଲୋଚନା କରିଥିଲେ। ଆକାଶବାଣୀ କାର୍ଯ୍ୟାଳୟରେ ୨୦୧୭ ପର୍ଯ୍ୟନ୍ତ ଥିବା ଡିଡିଜି(ଇ) ପଦବୀକୁ ଅନ୍ୟତ୍ର ଉଠାଇ ନେବା, ଜୟପୁର ଭଳି ଏକ ପୁରାତନ ଆକାଶବାଣୀ କେନ୍ଦ୍ରକୁ ଭବାନୀପାଟଣା ଆକାଶବାଣୀ ଏହାର ପରିଚାଳନା ଭାର ନେବା ଲାଗି କରାଯାଉଥିବା ବିଚାର ଆମ ଅଞ୍ଚଳ ପାଇଁ ଦୁର୍ଭାଗ୍ୟଜନକ। ତୁରନ୍ତ ଏହି ନିଷ୍ପତ୍ତି ପ୍ରତ୍ୟାହାର ପାଇଁ କର୍ମକର୍ତ୍ତାମାନେ ସ୍ମାରକପତ୍ରରେ ଦାବି କରିଛନ୍ତି। ଏହି ସମୟରେ ସଙ୍ଗଠନର କାର୍ତ୍ତିକ ରାଉତ, ପବିତ୍ର ପାତ୍ର, ଜୟନ୍ତ ଦାସ, ଶ୍ରୀକାନ୍ତ ଦାସ, ରାମ ପାଣିଗ୍ରାହୀ,ସୁଶାନ୍ତ ପଣ୍ଡା, ମୁରୁଲି ପଟ୍ଟନାୟକ, ଶୁଭ୍ରାଂଶୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


କର୍ମକର୍ତ୍ତାମାନେ ସ୍ମାରକପତ୍ର ଦେଉଛନ୍ତି।

# ପ୍ରଶାସନ ନିଷ୍ପତ୍ତିରେ ଚାଷୀ ଅସନ୍ତୁଷ୍ଟ

କୁନ୍ଦୁରା, ୨୩।୧୧ (ଡି.ଏନ୍.ଏ.)

- ୯୮ ପ୍ରତିଶତ ସ୍ଥାନରେ ସ୍ଥାୟୀ ମଣ୍ଡି ସ୍ଥଳ ନାହିଁ
- ହାତରୁ ଭରଣା କରି ଚାଷୀ ମଣ୍ଡିସ୍ଥଳ ସଫା କରୁଛି
- କୌଣସି ଦଲାଲଙ୍କୁ ଧରିବାରେ ସକ୍ଷମ ହେଉନି ପ୍ରଶାସନ

କୋରାପୁଟ ଜିଲାରେ ଖରିଫ ଚାଷ ଅମଳ ପ୍ରାୟ ୮୦ ପ୍ରତିଶତ ଶେଷ ହୋଇଛି। ତେବେ ଜିଲା ପ୍ରୋକ୍ୟୁରମେଣ୍ଟ ବୈଠକ ନିଷ୍ପତ୍ତି ଅନୁସାରେ ଜିଲାରେ ମଣ୍ଡି ଆହୁରି ୨୦ ଦିନ ପରେ ଆରମ୍ଭ ହେବ। ପ୍ରଶାସନର ଏପରି ନିଷ୍ପତ୍ତି ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ଚଳିତ ବର୍ଷ ଅଦିନିଆ ବର୍ଷା ଯୋଗୁ ଚାଷୀଙ୍କ ଧାନ କେଉଁଠି କାଟୁଥିବା ବେଳେ ଜମିରେ ଭିଜୁଛି ତ ଅନ୍ୟ କେଉଁଠି ଅମଳ ବେଳେ ଭିଜୁଛି। ଏଭଳି ସ୍ଥିତିରେ ପ୍ରଶାସନ,ନିୟନ୍ତ୍ରିତ ବଜାର କମିଟି, କ୍ରୟକାରୀ ସଂସ୍ଥାର ଚାଷୀ ପାଇଁ ଦରଦ ନ ଥିବା କେତେକ ଚାଷୀ ଅଭିଯୋଗ କରିଛନ୍ତି। କୋରାପୁଟ ଜିଲାରେ ମଣ୍ଡି ଆରମ୍ଭ ହେବାର ଦୀର୍ଘ ୨୫ବର୍ଷ ବିତିଯାଇଥିଲେ ସୁଦ୍ଧା ଜିଲାର ପ୍ରାୟ ୯୮ ପ୍ରତିଶତ ସ୍ଥାନରେ ସ୍ଥାୟୀ ମଣ୍ଡି ସ୍ଥଳ ନାହିଁ। ଫଳରେ ଚାଷୀଙ୍କୁ ଅସ୍ଥାୟୀ ମଣ୍ଡି ସ୍ଥଳରେ ଧାନ ଗଦେଇବାକୁ ପଡୁଛି। ସରକାରଙ୍କ ପକ୍ଷରୁ ଚାଷୀଙ୍କ ଲାଗି ଅସୁଥିବା ଅର୍ଥକୁ ପ୍ରଶାସନ ବାଟମାରଣା କରି ଅସୁଥିବା ବେଳେ ଚାଷୀ ମଣ୍ଡି ସ୍ଥଳ ସଫା କରିବାଠାରୁ ଆରମ୍ଭ କରି ଖଲାସିଙ୍କ ଦ୍ୱାରା ବୁହା ଯାଉଥିବା ଅର୍ଥ ଭରଣା କରୁଛି। ପ୍ରଶାସନ ପକ୍ଷରୁ କର୍ମଚାରୀ ମଣ୍ଡି ସ୍ଥଳରେ ଚାଷୀଙ୍କ ଧାନ ସମ୍ପର୍କିତ ସମସ୍ତ କାର୍ଯ୍ୟ ତଦାରଖ କରିବା ବଦଳରେ ଅଧିକାର ନ ଥାଇ ମିଲର୍ସମାନେ ଏହି କାର୍ଯ୍ୟ କରି ଚାଷୀଙ୍କୁ ଶୋଷଣ କରୁଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ଏଯାବତ୍ ପ୍ରଶାସନ କୌଣସି ଦଲାଲଙ୍କୁ ଧରିବରେ ସକ୍ଷମ ହୋଇ ନ ଥିବାରୁ ଚାଷୀଙ୍କ ଅବସ୍ଥାରେ ଉନ୍ନତି ଘଟୁନାହିଁ। ଜିଲାରେ ମଣ୍ଡି ଖୋଲିଲେ ଚାଷୀ ଯେପରି ସମସ୍ୟାର ସମ୍ମୁଖୀନ ନ ହେବେ ସେଥିପ୍ରତି ପ୍ରଶାସନ ଗୁରୁତ୍ୱ ଦେବାକୁ ଦାବି ହେଉଛି।




## ବାପାଙ୍କ ପରେ ଚାଲିଗଲେ ମା’, କୁନି ଝିଅର ଥଇଥାନ କରିବ ଚାଇଲ୍ଡଲାଇନ

ନବରଙ୍ଗପୁର,୨୩।୧୧(ବି.ପ୍ର.)

ପାଣିରେ ବୁଡ଼ିଯାଇ ନବରଙ୍ଗପୁର ସହର ପ୍ରତାପ ସାଗର ସାହିର ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ନୀଳା ଜାନି। ନୀଳାଙ୍କର ମୂର୍ଚ୍ଛା ରୋଗ ଥିଲା। ବୁଧବାର ସେ ପୋଖରୀରେ ଲୁଗା ସଫା କରିବା ବେଳେ ଫିଡ୍ଓ ବାହାରିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଛି। ୩ ବର୍ଷ ତଳେ ନୀଳାଙ୍କ ସ୍ୱାମୀଙ୍କ ମୃତ୍ୟୁ ହୋଇଯାଇଛି। ତାଙ୍କର ଗୋଟିଏ ୪ ବର୍ଷର ଝିଅ ରହିଛି। ସ୍ଥାନୀୟ ଲୋକେ କାଉନ୍ସିଲର ସୁଧୀର ମହାପାତ୍ରଙ୍କୁ ଜଣାଇବା ପରେ ସେ ସମ୍ପର୍କୀୟ ଓ ସାହି ଲୋକଙ୍କ ସହାୟତାରେ ମୃତଦେହ ସତ୍କାର କରିଛନ୍ତି। ଖବରପାଇ ଚାଇଲ୍ଡ ଲାଇନର ଏକ ଟିମ୍ ନିଳାଙ୍କ ଘରକୁ ଯାଇ ସମସ୍ତ ତଥ୍ୟ ସଂଗ୍ରହ କରିଛନ୍ତି। ନିଳାଙ୍କ ଦଶାହ ପରେ, ତାଙ୍କ ଝିଅର ଥଇଥାନ ପାଇଁ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ସମସ୍ତ ବ୍ୟବସ୍ଥା କରାଯିବା କରାଯିବ ବୋଲି ଚାଇଲ୍ଡ ଲାଇନ କର୍ମକର୍ତ୍ତା ରବୀନ୍ଦ୍ର ପ୍ରଧାନ କହିଛନ୍ତି।

# ସ୍ୱାଧୀନତା ଆନ୍ଦୋଳନରେ ଆଦିବାସୀ ନେତାଙ୍କ ଅବଦାନ ଅତୁଳନୀୟ

କୋରାପୁଟ,୨୩।୧୧(ସ୍ୱ.ପ୍ର.)

ସ୍ୱାଧୀନତାର ୭୫ତମ ବର୍ଷ ଆଜାଦି କା ଅମୃତ ମହୋତ୍ସବର ଏକ ଅଂଶ ଭାବରେ ଏବଂ ସ୍ୱାଧୀନତା ସଂଗ୍ରାମୀ ଆଦିବାସୀ ନେତା ବିର୍ସାମୁଣ୍ଡାଙ୍କ ଜୟନ୍ତୀ ଉପଲକ୍ଷେ ଜନଜାତୀୟ ଗୌରବ ଦିବସ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଗତ ୧୫ରୁ ପାଳନ ହୋଇ ଆସୁଥିଲା। ଏହି ସପ୍ତାହବ୍ୟାପୀ ଚାଲିଥିବା ଉତ୍ସବ ମଙ୍ଗଳବାର ଉଦ୍ଯାପିତ ହୋଇଯାଇଛି। ଏଥିରେ ଏସସିଏସଟିଆରଟିଆଇର ନିର୍ଦ୍ଦେଶକ ଓ ସ୍ୱତନ୍ତ୍ର ସଚିବ ପ୍ରଫେସର ଏବି ଓତା ମୁଖ୍ୟଅତିଥି, ମଥୁରା ଜିଏଲଏ ବିଶ୍ୱବିଦ୍ୟାଳୟର ପ୍ରଫେସର ପଞ୍ଚାନନ ମହାନ୍ତି ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଭାରପ୍ରାପ୍ତ କୁଳପତି ପ୍ରଫେସର ଶରତ ପାଲିତା ଅଧ୍ୟକ୍ଷତା କରି ସ୍ୱାଧୀନତା ସଂଗ୍ରାମ ସମୟରେ ଆଦିବାସୀ ନେତାଙ୍କ ଅବଦାନ ଏବଂ ବିଶେଷ କରି ବୀର୍ସାମୁଣ୍ଡାଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଓତା ବୀର୍ସାମୁଣ୍ଡାଙ୍କ ଜୀବନୀ ଏବଂ ଅବଦାନ ସମ୍ପର୍କରେ ବର୍ଣ୍ଣନା କରି ସେ ଜଣେ ମହାନ ଧାର୍ମିକ ନେତା ଥିଲେ। ବ୍ରିଟିଶ ଉପନିବେଶ ଶାସନ ବିରୋଧରେ ସେ ଯେଉଁ ଆନ୍ଦୋଳନ ଆରମ୍ଭ କରିଥିଲେ ତାହା ସର୍ବଦା ସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ। ଏହି ଅବସରରେ ସେ ଓଡ଼ିଶାର ସାହସୀ ସ୍ୱାଧୀନତା ସଂଗ୍ରାମୀ ଶହୀଦ ଲକ୍ଷ୍ମଣ ନାୟକଙ୍କୁ ମନେ ପକାଇଥିଲେ। ମୁଖ୍ୟବକ୍ତା ପ୍ରଫେସର ମହାନ୍ତି ଆଦିବାସୀ ସଂସ୍କୃତି ଏବଂ ଭାଷା ଉପରେ ଆଲୋକପାତ କରିଥିଲେ। ଅଧିକାଂଶ ଦ୍ରାବିଡଭାଷା ଆଦିବାସୀ ଭାଷା ଏବଂ ଓଡିଆ ଭାଷା ଦ୍ରାବିଡ ଭାଷାର ଅନେକ ନିକଟତର ବୋଲି ସେ ପ୍ରକାଶ କରିଥିଲେ। ସହକାରୀ ପ୍ରଫେସର ଡକ୍ଟର ଶ୍ରୀନାବାସ ବି.କୋଟନାକ ସ୍ୱାଗତ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରଫେସର ଡକ୍ଟର ରମେନ୍ଦ୍ର ପାଢ଼ୀ ଓ ଡକ୍ଟର ଫଗୁନାଥଭୋଇ ପରିଚାଳନା କରିଥିଲେ।

# କଡ଼ାସୁରକ୍ଷା ବଳୟରେ ଜେଇଏଲ୍ସି ସିନୋଡ୍ ନିର୍ବାଚନ

ଜୟପୁର,୨୩।୧୧(ନି.ପ୍ର.)

କୋରାପୁଟ ଜିଲା ଜୟପୁରଠାରେ ସ୍ଥାନୀୟ ଜଇଲୁମ ମଣ୍ଡଳୀଠାରେ ଚଳିତ ବର୍ଷ ଜେଇଏଲ୍ସି ସିନୋଡ୍ ନିମନ୍ତେ ନିର୍ବାଚନ ପ୍ରକ୍ରିୟା ୨୨ରୁ ଆରମ୍ଭ ହୋଇଛି। ଏହା ୨୪ ପର୍ଯ୍ୟନ୍ତ ଚାଲିବ। ଏହି ନିର୍ବାଚନରେ ଆଇନ ପରିସ୍ଥିତି ଉପୁଜିବା ଆଶଙ୍କା ଥିବାରୁ ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯାଇଥିଲା। ଚର୍ଚ୍ଚ ଓ ଏହାର ଆଖପାଖ ଅଞ୍ଚଳରେ ମଧ୍ୟ କଟକଣା ଲାଗୁ କରାଯାଇଥିଲା। ପ୍ରଶାସନର ୧୪୪ ଧାରାକୁ ପ୍ରତ୍ୟାହାର ପାଇଁ ଜଇଲୁମ ମଣ୍ଡଳୀ କାର୍ଯ୍ୟାଳୟ ପକ୍ଷରୁ ଉପଜିଲାପାଳଙ୍କୁ ଭେଟି ଜାରି ହୋଇଥିବା ୧୪୪ ଧାରା ହଟାଇବାକୁ ଅନୁରୋଧ କରାଯାଇଥିଲା। ପରେ ଜଇଲୁମ ମଣ୍ଡଳୀ ସେକ୍ରେଟାରି ଲିଖିତ ଭାବେ ସିନୋଡ୍ ନିର୍ବାଚନ କରିବା ଜଣାଇ ଦୀର୍ଘ ସମୟ ଧରି ଉପଜଲାପାଳଙ୍କ ସହ ଆଲୋଚନା କରିଥିଲେ। ସମସ୍ତ ବିଷୟକୁ ଅନୁଧ୍ୟାନକରି ଜୟପୁର ଚର୍ଚ୍ଚ ବାହାରେ ୧୪୪ ଧାରା ଲାଗୁ କରାଯାଇ ଚର୍ଚ୍ଚ ଭିତରେ ନିର୍ବାଚନ କରିବା ପାଇଁ ଉପଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ପାଳନ କରି ଜଇଲୁମ ମଣ୍ଡଳୀରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏଥିରେ ଅବିଭକ୍ତ କୋରାପୁଟ ଜିଲା , କଳାହାଣ୍ଡି ଏବଂ ଜଗଦଲପୁର, ଉିନେରିର ନବନିର୍ବାଚିତ ସିନୋଡ୍ ସଦସ୍ୟମାନେ ଆସି ଜୟପୁର ପ୍ରଧାନ ମଣ୍ଡଳୀଠାରେ ପହଞ୍ଚିଲେ। ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ସମସ୍ତଙ୍କ ପଞ୍ଜୀକରଣ ହେବାପରେ ସେମାନଙ୍କୁ ଚର୍ଚ୍ଚ ଭିତରେ ପ୍ରବେଶ ବ୍ୟବସ୍ଥା କରାଯାଇଥିଲା । ଭୋଟ ଦେବାକୁ ଥିବା ୧୪୯ ଜଣ ସଦସ୍ୟ ପହଞ୍ଚିଥିବା ଜଣାପଡିଛି। ପୋଲିସ ପକ୍ଷରୁ ୩ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଏସ୍ଡିପିଓ ଅରୂପ ଅଭିଷେକ ବେହେରା, ଥାନା ଅଧିକାରୀ ସଞ୍ଜୟ ମଣ୍ଡଳ ଉପସ୍ଥିତ ରହି ଏହି ନିର୍ବାଚନ ବ୍ୟବସ୍ଥା ଅନୁଧ୍ୟାନ କରୁଛନ୍ତି।

# ପୋଲିସ ଗଣତନ୍ତ୍ରର କଣ୍ଠରୋଧ କରୁଛି: ଭାଜପା

ରାୟଗଡା ଅଫିସ, ୨୩।୧୧

ରାୟଗଡ଼ାରେ ସ୍ମାର୍ଟ ହେଲ୍ଥକାର୍ଡ ବଣ୍ଟନ ବେଳେ କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବାକୁ ରାୟଗଡ଼ା ପୋଲିସ ଭାଜପାର ୮ଜଣ କର୍ମୀଙ୍କୁ ଥାନାରେ ଆଣି ରଖିଛି। ରାୟଗଡ଼ା ଥାନାରେ ପ୍ରିଭେନଟିଭ ଆରେଷ୍ଟ କରି ରଖାଯାଇଥିବା ଥାନାଧିକାରୀ ରଶ୍ମିରଞ୍ଜନ ପ୍ରଧାନ କହିଛନ୍ତି। ଏହାକୁ ଭାଜପା ବିରୋଧ କରିଛି। ପୋଲିସ ସରକାରଙ୍କ ଚାପରେ ଗଣତନ୍ତ୍ରର କଣ୍ଠରୋଧ କରୁଛି ବୋଲି ଭାଜପା ଅଭିଯୋଗ କରିଛି। ମଙ୍ଗଳବାର ଭାଜପା ନଗର ସଭାପତି ବିଦ୍ୟା ଭୂଷଣ ପଣ୍ଡା, ଜିଲା ଭାଜପା ଯୁବ ମୋର୍ଚ୍ଚା ସଭାପତି ଶ୍ୟାମ କୁମାର ଦାଶ, ଅଜୟ ଚୁଲେଟ, ଟି. ନାଗରାଜ, ରାଜେଶ ପାଣିଗ୍ରାହୀ, ବିଦ୍ୟା ସାଗର, ସୁଶାନ୍ତ ମିଶ୍ର, ଜଗଦୀଶ ସୁନାରୀ ସ୍ଥାନୀୟ ଏକ ହୋଟେଲରେ ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ରଙ୍କୁ ସାକ୍ଷାତ କରିବା ପାଇଁ ଆସିଥିଲେ। ହଠାତ୍ ଥାନାଧିକାରୀଙ୍କ ନେତୃତ୍ୱରେ ପୋଲିସ ଆସି ସମସ୍ତଙ୍କୁ ଜବରଦସ୍ତି ଥାନାକୁ ନେଇଯାଇଛି ବୋଲି ଭାଜପା କହିଛି।

# ଆଦିବାସୀ ସଂସ୍କୃତିର ଅଧିକ ଗବେଷଣା ଉପରେ ଗୁରୁତ୍ୱ

**ଜାତୀୟ ଅନୁସୂଚିତ ଜନଜାତି କମିଶନଙ୍କ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିଦର୍ଶନ**

କୋରାପୁଟ,୨୩।୧୧(ସ୍ୱ.ପ୍ର)

ଜାତୀୟ ଅନୁସୂଚିତ ଜନଜାତି କମିଶନ ସଦସ୍ୟ ଅନନ୍ତ ନାୟକ ମଙ୍ଗଳବାର ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରି ଭାରପ୍ରାପ୍ତ କୁଳପତି ଓ ପ୍ରଫେସରମାନଙ୍କ ସହ ଆଲୋଚନା କରିଛନ୍ତି। ଆଦିବାସୀ ସଂସ୍କୃତି ଓ ପରମ୍ପରା ଉପରେ ଅଧିକ ଗବେଷଣା କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ନାୟକଙ୍କୁ ଭାରପ୍ରାପ୍ତ କୁଳପତି ପ୍ରଫେସର ଶରତ ପାଲିତା ସ୍ୱାଗତ କରିବା ସହ ବିଶ୍ୱବିଦ୍ୟାଳୟରେ ଚାଲିଥିବା ବିଭିନ୍ନ ଉଚ୍ଚଶିକ୍ଷା କାର୍ଯ୍ୟକ୍ରମ ସହ ଆଦିବାସୀ ସଂସ୍କୃତି, ପରମ୍ପରାର ସୁରକ୍ଷା ନେଇ ହେଉଥିବା କାର୍ଯ୍ୟ ସମ୍ପର୍କରେ ତାଙ୍କୁ ବିସ୍ତୃତ ଭାବେ ବୁଝାଇଥିଲେ । ବିଶ୍ୱବିଦ୍ୟାଳୟ ସ୍ଥାପନ ହେବା ପରଠାରୁ ଏହି ଅଞ୍ଚଳର ଆଦିବାସୀ ଛାତ୍ରୀଛାତ୍ରମାନେ ଉଚ୍ଚଶିକ୍ଷା ପାଇବା ସହ ସେମାନଙ୍କ ବିଭିନ୍ନ ସଂସ୍କୃତି ଓ ପରମ୍ପରା ଉପରେ ବିଶ୍ୱବିଦ୍ୟାଳୟ କାର୍ଯ୍ୟ କରିଆସୁଛି ବୋଲି କହିଥିଲେ। ଏହି ଅବସରରେ କମିଶନ ସଦସ୍ୟ ନାୟକ ଆଗାମୀ ଦିନରେ ବିଶ୍ୱବିଦ୍ୟାଳୟରେ ଆଦିବାସୀ ସଂସ୍କୃତି ଉପରେ ଗବେଷଣାତ୍ମକ ପାଠ୍ୟକ୍ରମ ପ୍ରଚଳନ କରିବାକୁ କୁଳପତଙ୍କୁ ପ୍ରସ୍ତାବ ଦେଇଥିଲେ। ଏହି ଅବସରରେ ନାୟକଙ୍କୁ ଏକ ସ୍ମୃତିଫଳକ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ପ୍ରଫେସର ଅସିତ ଦାସ, ଲୋକ ସମ୍ପର୍କ ଅଧିକାରୀ ଡ.ଫଗୁନାଥ ଭୋଇ, ପ୍ରଫେସର ସୌରଭ ଗୁପ୍ତାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।




# କୋରାପୁଟରୁ ଯିବେ ୧୭ କରାଟେକା

## ଓପନ ନ୍ୟାଶନାଲ କରାଟେ ପ୍ରତିଯୋଗିତା

କୋରାପୁଟ,୨୩।୧୧(ସ୍ୱ.ପ୍ର.)

ଅଲ ଇଣ୍ଡିଆ ଓପନ ନ୍ୟାଶନାଲ କରାଟେ ପ୍ରତିଯୋଗିତା ପାଇଁ କୋରାପୁଟ ଜିଲାର ସୁନାବେଡ଼ାସ୍ଥିତ ଉତ୍କଳ କରାଟେ ସ୍କୁଲର ୧୭ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି କୋଚ ମହେଶ ବରାଳ ମଙ୍ଗଳବାର ସୂଚନା ଦେଇଛନ୍ତି। ଆସନ୍ତା ୨୬ରୁ ୨୮ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲଠାରେ ଏହି ପ୍ରତିଯୋଗିତା ହେବ। ଏଥିରେ ଓଡ଼ିଶା, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, ଗୁଜରାଟ, ଆନ୍ଧ୍ର ପ୍ରଦେଶ ସମେତ ୧୨ଟି ରାଜ୍ୟରୁ ୭ ଶହରୁ ଉର୍ଦ୍ଧ୍ୱ କରାଟେକା ଅଂଶଗ୍ରହଣ କରିବେ ବୋଲି ଜଣାପଡିଛି । ସୁନାବେଡ଼ା ଉତ୍କଳ କରାଟେକା ବିଦ୍ୟାଳୟରୁ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିବା ପ୍ରତିଯୋଗୀମାନେ ହେଲେ ସାଇ ଆକାଂକ୍ଷା ସାମଲ, ରୋଶନ ତ୍ରିପାଠୀ, ପରମେଶ ସାହୁ, ଲଳିତ କୁମାର, ସୁଶ୍ରୀ ସାଧନା ମହାରଣା, ସ୍ମୃତି ବେହେରା, ଅର୍ପିତା ପଣ୍ଡା, ସୁତାପା ପାଣିଗ୍ରାହୀ, ୱାଇ ଦିବ୍ୟାଂଶୁ, ଚନ୍ଦକା ଯୁବରାଜ, କରଣ ଗୁଣ୍ଡା, ଆନିକେତ ସାଇ ରେଡ୍ଡି, ରତୁପୂର୍ଣ୍ଣା ସାମନ୍ତରାୟ, ଅନୁରାଧା ବେହେରା, ଶୁଭ୍ରାଂଶୁ ଦାସ, ପ୍ରଦୀପ ମଲ୍ଲିକ, ଆୟୁଷ ମହାପାତ୍ର, ରନପ୍ରୀତ ନାୟକ, ଇଶାନ୍ତ ପଣ୍ଡା। ସେମାନଙ୍କ ସହ ଅନ୍ୟତମ କୋଚ ତପନ ବେହେରା ଓ ଆନନ୍ଦ ଚନ୍ଦ୍ର ଭୁବନେଶ୍ୱର ଗସ୍ତ କରିଥିବା ମୁଖ୍ୟ କୋଚ ବରାଳ କହିଛନ୍ତି।

# ବୃଦ୍ଧ ନିଖୋଜ

ବୁଗୁଡ଼ା,୨୩।୧୧(ଡି.ଏନ.ଏ.)– ବୁଗୁଡ଼ା ଥାନା ଅନ୍ତର୍ଗତ ପଙ୍କଳବାଡ଼ି ଗ୍ରାମର ବୃଦ୍ଧ ଲୋଚନ ବିଷୋୟୀ (୯୦) ନିଖୋଜ ହୋଇଯାଇଥିବା ନେଇ ପୁଅ ମହେଶ୍ୱର ଅଭିଯୋଗ କରିଛନ୍ତି। ଲୋଚନ ସୋମବାର ସକାଳ ପ୍ରାୟ ୧୦ ଟାରେ ଘରୁବାହାରି କେଉଁଆଡେ ଚାଲି ଯାଇଥିଲେ। ପରିବାର ଲୋକେ ବହୁ ଖୋଜା ଖୋଜି କରିନିରାଶ ହେବା ପରେ ମଙ୍ଗଳବାର ବୁଗୁଡ଼ା ଥାନାରେ ଏତଲା ଦେଇଥିଲେ।












